# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 19 September - 2024

### News Editor : Tapan Kumar Maharana

**********************************

## ମୁଖ୍ୟ ସମ୍ବାଦ

- ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ
- ଡାକ୍ତରୀ ଚିକିତ୍ସା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ୬ଟି ବିଶ୍ୱବିଦ୍ୟାଳୟ ସହ ଚୁକ୍ତିନାମା ସ୍ୱାକ୍ଷରିତ
- ଚଳିତ ବର୍ଷ ଭିତର କନିକା ଜାତୀୟ ଉଦ୍ୟାନକୁ ୧ ଲକ୍ଷ ୩୦ ହଜାରରୁ ଅଧିକ ଦେଶୀୟ ପକ୍ଷୀ ଆସିଥିବା ନେଇ ସୂଚନା

ଏବଂ

- ରାଜ୍ୟରେ ଜୁନ୍ ପହିଲାରୁ ବର୍ତ୍ତମାନ ସୁଦ୍ଧା ୮ ପ୍ରତିଶତ କମ୍ ବର୍ଷା ହୋଇଛି; କହିଲା ପାଣିପାଗ ବିଭାଗ

## ରାଜ୍ୟ ସରକାର– ୧୦୦ ଦିନ ପୂର୍ତ୍ତି

ରାଜ୍ୟର ବିଜେପି ସରକାର ଶାସନଭାର ଗ୍ରହଣ କରିବାର ୧୦୦ ଦିନ ପୂର୍ତ୍ତି ଅବସରରେ ଆଜି ପୁରୀଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ୧୦୦ ଦିନର କାର୍ଯ୍ୟର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ରାଜ୍ୟ ସରକାର ଓଡ଼ିଶାର ଲୋକମାନଙ୍କର ପ୍ରିୟପାତ୍ର ହୋଇପାରିଛନ୍ତି। ଭକ୍ତଙ୍କ ପାଇଁ ପୁରୀ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲାଯିବା ସହିତ ରତ୍ନଭଣ୍ଡାର ଖୋଲାଯାଇଛି। ରାଜ୍ୟ ସରକାର ଶ୍ରୀମନ୍ଦିର ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ କରିଛନ୍ତି। ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟି ଟଙ୍କାର ପାଣ୍ଠିକୁ ଅନୁମୋଦନ ଦିଆଯାଇଛି। ନିର୍ମାଣ ଶ୍ରମିକଙ୍କ କ୍ଷେତ୍ରରେ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ୪ ଲକ୍ଷରୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ସହିତ ସ୍ୱାଭାବିକ ଭାବେ ମୃତ୍ୟୁ ହେଲେ ୩ ଲକ୍ଷ ଟଙ୍କା ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାରଙ୍କର ୧୦୦ ଦିନର ଉପଲବ୍ଧିକୁ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ୮୦ ବର୍ଷ ବୟସ୍କ ଏବଂ ୮୦ ପ୍ରତିଶତ ଦିବ୍ୟାଙ୍ଗମାନଙ୍କ ପାଇଁ ସରକାର ମାସିକ ୩ ହଜାର ୫୦୦ ଟଙ୍କାର ପେନସନ୍ ବ୍ୟବସ୍ଥା କରିଛନ୍ତି। ଆଦିବାସୀ ଛାତ୍ରଛାତ୍ରୀମାନେ ଅଧାରୁ ପାଠ ଛାଡୁଥିବାକୁ ରୋକିବା ପାଇଁ ମାଧୋ ସିଂ ହାତଖର୍ଚ୍ଚ ଯୋଜନାରେ

ଛାତ୍ରଛାତ୍ରୀମାନଙ୍କୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟବସ୍ଥା କରାଯାଇଛି। ଲୋକସେବା ଭବନ ଏବଂ ବିଧାନସଭାକୁ ସାମ୍ବାଦିକମାନଙ୍କର ପ୍ରବେଶକୁ ଅନୁମତି ଦିଆଯାଇଛି। ଜନଶୁଣାଣିକୁ ସରକାର ଅଗ୍ରାଧିକାର ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। କୃଷିକ୍ଷେତ୍ରରେ ଚାଷୀମାନଙ୍କୁ ସହାୟତା ଲାଗି ବଜେଟ୍‌ରେ ସିଏମ୍ କିଷାନ ସମ୍ମାନ ଯୋଜନାରେ ରାଜ୍ୟର ୪୬ ଲକ୍ଷ ଚାଷୀଙ୍କୁ ୨ ହଜାର ଟଙ୍କାର ପ୍ରଥମ କିସ୍ତି ପ୍ରଦାନ କରାଯାଇଛି। ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩ ହଜାର ୧୦୦ ଟଙ୍କା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ସହିତ ପ୍ରତ୍ୟେକ ସବ୍‌ଡିଭିଜନ୍‌ରେ ଶୀତଳଭଣ୍ଡାର ନିର୍ମାଣ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଖାଲି ପଡ଼ିଥିବା ୧୬ ହଜାର ଶିକ୍ଷକ ପଦବୀ ପୂରଣ, ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୫ ବର୍ଷ ମଧ୍ୟରେ ୫୦ ହଜାର କୋଟି ଟଙ୍କା ରାଜ୍ୟ ସରକାର ପ୍ରଦାନ କରିବେ। ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଗତ ମଙ୍ଗଳବାର ଦିନ ଦିଆଯାଇଛି। କେନ୍ଦ୍ର ସରକାରଙ୍କର ଅନୁଦାନକୁ ସଠିକ୍ ଭାବେ ବିନିଯୋଗ କରି ଦେଶ ଓ ରାଜ୍ୟର ବିକାଶ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଛି। ବିକଶିତ ଭାରତ ଗଠନରେ ଓଡ଼ିଶା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶାବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି...

# - V/O –

***HS***

## ସ୍ୱାସ୍ଥ୍ୟମନ୍ତ୍ରୀ- ଏମ୍‌ଓୟୁ

ରାଜ୍ୟରେ ଡାକ୍ତରୀ ଚିକିତ୍ସା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ସରକାର ୬ଟି ବିଶ୍ୱବିଦ୍ୟାଳୟ ସହ ଚୁକ୍ତିନାମା ସ୍ୱାକ୍ଷରିତ କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସୂନଚା ଅନୁସାରେ, ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ସହିତ ଡାକ୍ତରୀ ଚିକିତ୍ସାର ଉନ୍ନତ ଗବେଷଣା ପାଇଁ ରାଜିନାମା ହୋଇଛି। ଆର୍ୟୁବେଦ ଏବଂ ହୋମିଓପ୍ୟାଥି ସହିତ ଏଲୋପାଥି ଗବେଷଣା ପାଇଁ ସରକାର ଚୁକ୍ତିନାମା ସ୍ୱାକ୍ଷରିତ କରିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଏହା ବ୍ୟତୀତ ରାଜ୍ୟର ସବୁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି। ଆସନ୍ତା ୫ ବର୍ଷ ମଧ୍ୟରେ ଲକ୍ଷ୍ୟ ପୂରଣ ପାଇଁ ସରକାର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରୁଛନ୍ତି। ମନ୍ତ୍ରୀ ଡକ୍ଟର ମହାଲିଙ୍ଗ କହିଛନ୍ତି, ତାଳଚେର ଏବଂ କନ୍ଧମାଳରେ ଦୁଇଟି ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ।

***Desk***

## ପ୍ରକଳ୍ପ ମଂଜୁରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ଉଚ୍ଚକ୍ଷମତା ସଂପନ୍ନ ଅନୁମୋଦନ କମିଟି ବୈଠକରେ ୧୨ଟି ଶିଳ୍ପ ପ୍ରକଳ୍ପ ସ୍ଥାପନକୁ ଅନୁମତି ମିଳିଛି । ୮ଟି ଜିଲ୍ଲାରେ ହେବାକୁ ଥିବା ଏହି

ଶିଳ୍ପଗୁଡ଼ିକ ପାଇଁ ୩୯ ହଜାର ୨୭୧ କୋଟି ଟଙ୍କା ନିବେଶ କରାଯିବ । ଏହି ଶିଳ୍ପ ସ୍ଥାପନ ହେଲେ ୧୭ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୃଷ୍ଟି ହେବ ବୋଲି ଜଣାପଡ଼ିଛି । ସ୍ଥାପନ ହେବାକୁ ଥିବା ଏହି ଶିଳ୍ପଗୁଡ଼ିକ ମଧ୍ୟରେ କେମିକାଲ୍, ସିମେଣ୍ଟ, ଷ୍ଟିଲ୍, ରବର, ସେମିକଣ୍ଡକ୍ଟର ଉତ୍ପାଦ କାରଖାନା ଆଦି ରହିଛି ।

*Kendrapara*

## ଭିତରକନିକା– ପକ୍ଷୀଗଣନା

ଭିତରକନିକା ଜାତୀୟ ଉଦ୍ୟାନରେ ଦେଶୀୟ ପକ୍ଷୀଗଣନା କାର୍ଯ୍ୟ ଶେଷ ହୋଇଛି। ରାଜନଗର ବନଖଣ୍ଡର କନିକା ଏବଂ ରାଜନଗର ରେଞ୍ଜରେ ଏହି ଗଣନା କରାଯାଇଥିଲା। ଗତବର୍ଷ ତୁଳନାରେ ଚଳିତ ବର୍ଷ ୬ ହଜାର ୨୫୬ଟି ଅଧିକ ପକ୍ଷୀ ଭିତରକନିକାକୁ ଆସିଥିବା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ଚଳିତ ବର୍ଷ ମୋଟ୍ ୨୭ ହଜାର ୨୮୨ଟି ବସାରେ ୧ ଲକ୍ଷ ୩୦ ହଜାର ୧୨୩ ପକ୍ଷୀ ରହିଥିବା ଗଣନା କରାଯାଇଛି। ସୂଚନାଯୋଗ୍ୟ, ଗତ ବର୍ଷ ୨୬ ହଜାର ୧୧୮ଟି ପକ୍ଷୀବସା ଚିହ୍ନଟ ହୋଇଥିବା ବେଳେ ୧ ଲକ୍ଷ ୨୩ ହଜାର ୮୬୭ ପକ୍ଷୀ ଥିବା ଗଣନା କରାଯାଇଥିଲା। ଦେଶୀୟ ପକ୍ଷୀଙ୍କ ଭିତରେ କାପରିଖାଇ, ଅଞ୍ଜନା, ରାଣୀବଗ, ମଝିଆବଗ, ପାଣିକୁଆ, ଖଇରା, ଗେଣ୍ଡାଳିଆ, ଅନ୍ଧାରୁଆ ବଗ ଆଦି ୧୦ଟି ପ୍ରଜାତିର ପକ୍ଷୀ ଅନ୍ତର୍ଭୁକ୍ତ।

***BHK***

## ସ୍ୱର୍ଗତଃ ବିଷ୍ଣୁ ସେଠୀ ଶ୍ରାଦ୍ଧବାର୍ଷିକୀ

ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅନ୍ତର୍ଗତ କାଳିପଡ଼ିଆଠାରେ ପୂର୍ବତନ ବିଧାୟକ ତଥା କବି ସ୍ୱର୍ଗତଃ ବିଷ୍ଣୁ ସେଠୀ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସଭା ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିରେ ଯୋଗଦେଇ ସ୍ୱର୍ଗତଃ ସେଠୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାଂସଦ ସଦସ୍ୟ ଅଭିମନ୍ୟୁ ସେଠୀ, ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବଂ ରାଷ୍ଟ୍ରୀୟ ପ୍ରଭାରୀ ବିଜୟ ସିଂ ପାଲ ଯୋଗଦେଇ ସ୍ୱର୍ଗତଃ ସେଠୀଙ୍କ ଜୀବନାଦର୍ଶ ଆଲୋକପାତ କରିଥିଲେ।

***Desk***

## ରେଳଲାଇନ୍ ଦୋହରୀକରଣ

ରୁପ୍‌ସା-ବାରିପଦା-ବାଙ୍ଗିରିପୋଷି ରେଳ ସେକସନ୍‌ର ଅଣାନବେ କିଲୋମିଟର ରେଳଲାଇନ୍ ଦୋହରୀକରଣ ଚୂଡ଼ାନ୍ତ ସର୍ବେକ୍ଷଣ ପାଇଁ ରେଳ ମନ୍ତ୍ରଣାଳୟ ମଞ୍ଜୁରୀ ପ୍ରଦାନ କରିଛି। ଏଥିପାଇଁ ୧ କୋଟି ୭୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସର୍ଭେ ସହ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯିବାକୁ ପଦକ୍ଷେପ ନିଆଯାଉଛି। ଗତ ଜାନୁଆରୀ ୧୩ ତାରିଖରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଗସ୍ତ ଅବସରରେ  ଏହି ରେଳଲାଇନ୍‌ର

ଦୋହରୀକରଣ ପାଇଁ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଦୋହରୀକରଣ ଦ୍ୱାରା ରେଳ ଯୋଗାଯୋଗରେ ଉନ୍ନତି ଆସିବା ସହ ସେହି ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ଘଟିବ ବୋଲି ରେଳମନ୍ତ୍ରୀ କହିଛନ୍ତି।

***DHNKL***

## ଜାଇକା ପ୍ରକଳ୍ପ

ଢେଙ୍କାନାଳ ଜିଲ୍ଲା ଗଡ଼ନୃସିଂହପ୍ରସାଦ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପାଣିପଞ୍ଚାୟତ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ତଳମୁଣ୍ଡରେ ଥିବା ଜମିକୁ ଜଳସେଚନ ସଂକ୍ରାନ୍ତରେ ବୈଠକରେ ଆଲୋଚନା ହୋଇଛି। ଏହି ବୈଠକରେ ଜାଇକା ପ୍ରକଳ୍ପର ମୁଖ୍ୟଯନ୍ତ୍ରୀଙ୍କ ସମେତ ଜାପାନରୁ ଆସିଥିବା ପ୍ରତିନିଧି ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ରଘୁନାଥଜୀଉ ପାଣିପଞ୍ଚାୟତସ୍ତରୀୟ ସମୀକ୍ଷା ବୈଠକ ବାଳିବୋଠାରେ ଅନୁଷ୍ଠିତ ହୋଇଛି।

***Baragada***

## ଭାଗବତ ପାଠ

ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଅନ୍ତର୍ଗତ ଡୁମ୍ବେରପାଲି ଗ୍ରାମରେ ଭାଗବତ ଜନ୍ମ ଅବସରରେ ପାରାୟଣ ଗତକାଲି ଅନୁଷ୍ଠିତ ହୋଇଯାଇଛି। ସଂସଦ ସଦସ୍ୟ ପ୍ରଦୀପ ପୁରୋହିତ ଏଥିରେ ଯୋଗଦେଇ ମଣିଷ ଜୀବନରେ ଭାଗବତ ପାଠର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଗତ ୨୨ ବର୍ଷ ଧରି ସେଠାରେ ସମ୍ବଲପୁରୀ ଭାଷାରେ ଭାଗବତ ପାଠ ଓ ପାରାୟଣ ଅନୁଷ୍ଠିତ ହୋଇଆସୁଛି।

*Kandhamal*

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପୁରସ୍କାର

ବାଣିଜ୍ୟ ପାଠ୍ୟକ୍ରମ ସହ ଜଡ଼ିତ ସର୍ବାଧିକ ପୁସ୍ତକ ରଚନା କରି ଫୁଲବାଣୀ ସରକାରୀ ଯୁକ୍ତ ମହାବିଦ୍ୟାଳୟର ଅଧ୍ୟାପକ ତଥା ଲେଖକ ଡକ୍ଟର ଜ୍ୟୋତି ପ୍ରକାଶ ରଥ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି। ଏ ପର୍ଯ୍ୟନ୍ତ ସେ ୪୩ଟି ପୁସ୍ତକ ରଚନା କରିଛନ୍ତି। ତାଙ୍କ ରଚିତ ପୁସ୍ତକ ବିଭିନ୍ନ ରାଜ୍ୟର ଶିକ୍ଷା ବୋର୍ଡ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ହୋଇଛି। ପୂର୍ବରୁ ସେ ଲଣ୍ଡନ ବୁକ୍ ରେକର୍ଡ ସହିତ ଅନ୍ୟ କେତୋଟି ଜାତୀୟ ଏବଂ ଆନ୍ତର୍ଜାତିକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

*BBSR*

## ସ୍ୱାସ୍ଥ୍ୟସେବା-ସ୍ୱତନ୍ତ୍ର ନୀତି

ରାଜ୍ୟରେ କାର୍ଯ୍ୟରତ ଡାକ୍ତର, ଡାକ୍ତରୀ ଛାତ୍ରଛାତ୍ରୀ ଏବଂ ସ୍ୱାସ୍ଥ୍ୟସେବା ସହ ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ସୁରକ୍ଷା ନିମନ୍ତେ ସରକାର ସ୍ୱତନ୍ତ୍ର ନୀତି ଆଣିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଚେରୀ ନିର୍ମାଣ ସହ ଅନ୍ତର୍ବିଭାଗ ରୋଗୀଙ୍କ ନିମନ୍ତେ ଦର୍ଶକ ଅନୁମତିପତ୍ର ବ୍ୟବସ୍ଥା କରାଯିବ । ସେହିପରି ହସ୍ପିଟାଲର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି କ୍ୟାମେରା ସ୍ଥାପନ, ପୋଲିସ୍ ଆଉଟପୋଷ୍ଟ ପ୍ରତିଷ୍ଠା, ଡାକ୍ତର ଏବଂ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ଡିଉଟି ରୁମ୍ ଓ ବିଶ୍ରାମ ଗୃହ ଭଳି ବ୍ୟବସ୍ଥା କରାଯିବ । ଏକ ସଂସ୍ଥାଗତ ନିରୀକ୍ଷଣ କମିଟି ପ୍ରତ୍ୟେକ ମାସରେ ସମସ୍ତ କାର୍ଯ୍ୟର ସମୀକ୍ଷା କରିବ ବୋଲି ସ୍ୱତନ୍ତ୍ର ସ୍ୱାସ୍ଥ୍ୟନୀତିରେ କୁହାଯାଇଛି ।

# ପାଣିପାଗ

ରାଜ୍ୟରେ ଚଳିତ ମୌସୁମୀ ଋତୁରେ ସ୍ୱାଭାବିକ ବର୍ଷା ତୁଳନାରେ ୮ ପ୍ରତିଶତ କମ୍ ବର୍ଷା ହୋଇଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଜୁନ୍ ମାସ ପହିଲା ତାରିଖରୁ ଆଜି ସୁଦ୍ଧା ରାଜ୍ୟରେ ୧ ହଜାର ମିଲିମିଟର ବର୍ଷା ହୋଇଛି । ରାଜ୍ୟର ୧୯ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୧୦ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି ।

ଆସନ୍ତା ୨୨ ତାରିଖରେ ପ୍ରବଳ ବର୍ଷା ଓ ବଜ୍ରପାତ ନେଇ ୪ଟି ଜିଲ୍ଲା କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧାକୁ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲ୍ଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

*****